ଭଗବାନଙ୍କ ବରଦାନ ସଦୃଶ ହେବ ବର୍ଦ୍ଧିତ ଭତ୍ତା

ନୟାଗଡ଼,୧୮।୮(ନିପ୍ର):ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ୩ ହଜାର ଟଙ୍କା ଭତ୍ତା ଦେବାପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଯାଉଥିବାରୁ ଭତ୍ତା ପାଉଥିବା ଏବଂ ଭତ୍ତା ପାଇବାକୁ ଅପେକ୍ଷାରେ ଥିବା ହିତାଧିକାରୀଙ୍କ ମଧ୍ୟରେ ବଡ଼ ଆଶ୍ୱସ୍ତି ଆଣିଥିବା ଆଲୋଚନା ହେଉଛି। ଏବେ ସରକାରୀ ଭାବେ ୬୦ରୁ ୮୦ ବର୍ଷ ବୟସର ହିତାଧିକାରୀଙ୍କୁ ୧ ହଜାର ଏବଂ ୮୦ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ୧୨୦୦ ଟଙ୍କା ଦେବାର ନିୟମ ରହିଛି। ସେହିଭଳି ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ସରକାର ଭତ୍ତା ପ୍ରଦାନ କରୁଛନ୍ତି । ବୟସର ଶେଷ ସମୟରେ ଅନେକ ପିତାମାତାଙ୍କୁ ସେମାନଙ୍କ ପିଲାମାନେ ପଚାରୁ ନଥିବାରୁ ଏହି ଭତ୍ତା ଭଗବାନଙ୍କ ବରଦାନ ସଦୃଶ ହୋଇଛି। ଅନେକ ବୁଢ଼ାବୁଢ଼ୀଙ୍କ ପୁଅ କି ଝିଅ ମଧ୍ୟ ନାହାନ୍ତି । ସେମାନେ ଏହି ଅର୍ଥ ସହାୟତାରେ ସେମାନଙ୍କ ଜୀବନ ଅତିବାହିତ କରିଥାନ୍ତି। ତେବେ ଏହି ଅର୍ଥ ସେମାନଙ୍କ ପାଇଁ ଯଥେଷ୍ଟ ହେଉ ନଥିବାବେଳେ ସରକାର ସେମାନଙ୍କ ଭତ୍ତା ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ତେବେ ବର୍ତ୍ତମାନ ଜିଲ୍ଲାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧ ଲକ୍ଷ ୩ହଜାର ୩୯୩ ଜଣ ହିତାଧୁକାରୀ ସାମିଲ ଥିବାବେଳେ ଇନ୍ଦିରା ଗାନ୍ଧି ଜାତୀୟ ଭତ୍ତା ଯୋଜନାରେ ଜିଲ୍ଲାରୁ ୫୩ ହଜାର ୧୯୭ ଜଣ ସାମିଲ ହୋଇଛନ୍ତି। ଏପଟେ ଭତ୍ତା ଅପେକ୍ଷାରେ ଏବେ ୧୨ ହଜାର ୫୬ ଜଣ ରହିଥିବା ଜଣାପଡିଛି।ସେମାନଙ୍କ ମଧ୍ୟରୁ ଭାପୁର ବ୍ଲକରେ ୧୪୩୧ ଜଣ ହିତାଧୁକାରୀ ରହିଥିବାବେଳେ ଦଶପଲ୍ଲା ବ୍ଲକରେ ୬୨୮, ଗଣିଆ ବ୍ଲକରେ ୨୯୪, ଖଣ୍ଡପଡ଼ା ବ୍ଲକରେ ୧୮୭୦ ଜଣ, ନୟାଗଡ଼ ବ୍ଲକରେ ୨୧୪୫ଜଣ, ନୂଆଗାଁ ବ୍ଲକରେ ୧୧୭୪ ଜଣ, ଓଡ଼ିଗାଁ ବ୍ଲକରେ ୨୧୬୪ ଏବଂ ରଣପୁର ବ୍ଲକରେ ୧୮୭୧ ଜଣ ହିତାଧୁକାରୀ ରହିଛନ୍ତି। ସେହିଭଳି ନୟାଗଡ଼ ପୌରପରିଷଦରେ ୧୦୯ ଜଣ, ଦଶପଲ୍ଲା ଏନ୍‌ଏସିରେ ୧୧୭ ଜଣ, ଖଣ୍ଡପଡ଼ା ଏନ୍‌ଏସିରେ ୫୬ ଜଣ, ଓଡ଼ଗାଁ ଏଏସିରେ ୮୦ ଜଣ ଏବଂ ରଣପୁର ଏନ୍‌ଏସିରେ ୧୧୫ ଜଣ ହିତାଧୁକାରୀ ଭତ୍ତା ପାଇବା ପାଇଁ ଆବେଦନ କରି ଚାତକ ଭଳି ଚାହିଁ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଅତି ଦୁଃଖ କଷ୍ଟରେ ସେମାନଙ୍କ ଜୀବନ ଅତିବାହିତ କରୁଛନ୍ତି। କାହାର ଔଷଧ କିଣିବାକୁ ଟଙ୍କା ନାହିଁ ତ କିଏ ଭାତ ସାଙ୍ଗକୁ ତରକାରୀ ଖାଇବାକୁ ପରିବାଟିଏ କିଣି ପାରୁ ନାହିଁ। ଆଜିକାଲିର ବଜାର ଦରକୁ ଦେଖିଲେ ସେମାନେ ନା ଭଲ ଗଣ୍ଡେ ଖାଇପାରୁଛନ୍ତି ନା ଭଲ ଖଣ୍ଡେ ପିନ୍ଧି ପାରୁଛନ୍ତି। ଯେଉଁମାନଙ୍କ ପିଲାମାନେ ରୋଜଗାରକ୍ଷମ ଏବଂ ସେମାନଙ୍କ ପିତାମାତାଙ୍କୁ ପଚରାଉଚରା କରୁଛନ୍ତି ସେମାନେ ଆରାମରେ ବଞ୍ଚି ରହିଛନ୍ତି। କିନ୍ତୁ ଯେଉଁମାନଙ୍କର କେହି ନାହାନ୍ତି ସେମାନଙ୍କ ଦୁଃଖ କହିଲେ ନସରେ। ତେଣୁ ସରକାର ଏମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ଉଠିଛି ।ଏବେ ସରକାର ଏହି ଯୋଜନାରେ ହିତାଧୁକାରୀଙ୍କୁ ୩ହଜାରରୁ ସାଢ଼େ ୩ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ସୂଚନା ଦେଇଛନ୍ତି । ଫଳରେ ଏମାନଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ହେଲେ ଏମାନେ ଭତ୍ତା ପାଇବାକୁ ଚାହିଁ ବସିଥିବାବେଳେ ସରକାର ସେମାନଙ୍କୁ ଏହି ଯୋଜନାରେ ସାମିଲ କରି ନାହାନ୍ତି । ଯାହାକି ସେମାନେ ଏବେ ବଞ୍ଚବଞ୍ଚ ମରିଯାଉଥିବା ଅଭିଯୋଗ ହେଉଛି।ସିରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ଉଠିଛି।ତେବେ ସରକାରଙ୍କ ଘୋଷଣା ଅପେକ୍ଷାରେ ଥିବା ବର୍ଦ୍ଧିତ ଭତ୍ତାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବା ବେଳେ ଭତ୍ତା ବର୍ଦ୍ଧିତ କରାଗଲେ ଏହା ହିତାଧିକାରୀଙ୍କ ପାଇଁ ଭଗବାନଙ୍କ ବରଦାନ ସଦୃଶ ହେବ ବୋଲି ଆଲୋଚନା ହେଉଛି।

ସୃଜନ ପକ୍ଷରୁ ସାରସ୍ୱତ ସମାବେଶ ଓ କବିତା ଆସର

ଛତ୍ରପୁର,୧୮।୮(ନି.ପ୍ର): ଛତ୍ରପୁରର ଅଗ୍ରଣୀ ସାହିତ୍ୟ ସଂଗଠନ ସୃଜନ ସାହିତ୍ୟ ସଂସ୍କୃତି ସଂସଦର ସ୍ୱନକ୍ଷତ୍ର ଉତ୍ସବ ତଥା ପଞ୍ଚମ ବାର୍ଷିକ ଉତ୍ସ ଅବସରରେ ସାରସ୍ୱତ ସମାବେଶ ଓ କବିତା ଆସର ତଥା ଭରପୂର ସାଂସ୍କୃତିକ ସମ୍ଭାର ମଧ୍ୟରେ ରବିବାର ସମାହିତ ହୋଇଯାଇଛି। ଛତ୍ରପୁର ସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ୍‌ର ସେମିନାର ହଲ୍‌ରେ ସଂସଦର ସଭାପତି ସୁସାହିତ୍ୟିକ ଡ଼ଃ. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ବହୁ ବରେଣ୍ୟ ଅତିଥି ଯୋଗଦେଇ ସାହିତ୍ୟ ଭାଷା ସୁରକ୍ଷା ଓ ସରକାରୀ ସ୍ତରରେ ଏହାର ବହୁଳ ବ୍ୟବହାର ଓ କାର୍ଯ୍ୟକାରୀ କରିବା ଦିଗରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ର ଉପ-ସଚିବ,(ଦକ୍ଷିଣାଞ୍ଚଳ) ବରେଣ୍ୟ ଓଡ଼ିଆ ପାଣ୍ଡିତ୍ୟ ଡଃ. କୁଳମଣି ଓଝା ଓଡ଼ିଶା ଭାଷାକୁ ରୁଦ୍ଧିମନ୍ତ କରିବାର ବର୍ତ୍ତମାନ ସମୟ ଆସିଛି, ଏ ଦିଗରେ ବହୁ ଓଡ଼ିଆ ସାହିତ୍ୟ ସଂଗଠନମାନ ଗଢିଉଠିଛି, ସେହି ସବୁ ସଂଗଠନ ର ଉଦ୍ୟକ୍ତାଗଣ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି କହିଛନ୍ତି । ମୁଖ୍ୟଅତିଥି ସମାଜସେବୀ ବିଚିତ୍ର ପଟ୍ଟନାୟକ, ସମ୍ମାନୀତ ଅତିଥି ପ୍ରାକ୍ତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସୁସାହିତ୍ୟିକ ତଥା ସଂଗଠକ ସୁଶାନ୍ତ ଦାଶ, ସମାଜସେବୀ ତ୍ରିନାଥ ନାୟକ, ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ଭୁବନେଶ୍ୱରର ସଭାପତି ଶ୍ରୀକାନ୍ତ ମହାପାତ୍ର, ଶିକ୍ଷାବିତ୍ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଗଣମାଧ୍ୟମ ବିଭାଗର ପ୍ରାଧ୍ୟାପକ ଡଃ. ଭି. ରାଜେନ୍ଦ୍ର ରାଜୁ, ଆନ୍ଧ୍ର ପ୍ରଦେଶର ସାହିତ୍ୟ ଅନୁରାଗୀ ଶ୍ରୀମତୀ ଉଷା ରାଣୀ ପଣ୍ଡା ଓଡ଼ିଆ ଭାଷା ଓ ସାହିତ୍ୟ, ଭାଗବତ ଟୁଙ୍ଗି, ଓଡ଼ିଆ ରାମାୟଣ, ବ୍ରତ, ଓଷା, ଆମ ସଂସ୍କୃତି, ଚଳଣିକୁ ଉଜ୍ଜୀବିତ ରଖିବା ଆବଶ୍ୟକ ବୋଲି ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ସୋମନାଥ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ଷଷ୍ଠ ଅର୍ଘ୍ୟ ସୃଜନୀ ପୁସ୍ତକ ଉନ୍ମୋଚିତ ଏବଂ ବରିଷ୍ଠ ଆଇନଜୀବୀ କଃ.ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ରଚିତ ପୁସ୍ତକ ଏ କବିତା ଲୋକାର୍ପିତ ହୋଇଥିଲା । ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଆଞ୍ଚଳିକ ସାହିତ୍ୟ ଅନୁଷ୍ଠାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ କୋଣ ଅନୁକୋଣରେ ଲୁକ୍କାୟିତ ହୋଇ ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ବଳିଷ୍ଠ ପଦକ୍ଷେପ ପାଇଁ ଅନୁଷ୍ଠାନର ଉଦ୍ୟକ୍ତା ତଥା ପରିଷଦର କର୍ମକର୍ତ୍ତାମାନଙ୍କୁ ବରେଣ୍ୟ ଅତିଥିଗଣ ଏବଂ ସୁଧିଜନ ସାଧୁବାଦ୍ ଦେଇଥିଲେ । ଆଞ୍ଚଳିକ ସାହିତ୍ୟ ଅନୁଷ୍ଠାନକୁ ସରକାର ଆର୍ଥିକ ଅନୁଦାନ ପ୍ରଦାନ କଲେ ସାହିତ୍ୟ ଅନୁଷ୍ଠାନ ସବୁବେଳପାଇଁ ବଞ୍ଚି ରହିବା ସହ ଓଡ଼ିଆ ଭାଷା ଓ ଅସ୍ମିତା ନିଜ ଶ୍ରେଷ୍ଠତା ବଜାୟ ରହିବ ବୋଲି ମତ ବ୍ୟକ୍ତ କରାଯାଇଛି । ଅନ୍ତର୍ଜାତୀୟ ନୃତ୍ୟଗୁରୁ ଶ୍ରୀମତୀ ଅଳକା ସାହୁଙ୍କ ନୃତ୍ୟ ଗ୍ରୁପ୍ କୁନି କୁନି ଝିଅ କଳାକାରଙ୍କୁ ନେଇ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ । ସରସ୍ୱତୀ ଶିଶୁମନ୍ଦିର ମନ୍ଦିର ଛାତ୍ର ଅଙ୍କିତ ଆଚାର୍ଯ୍ୟ ମାଆ ପାଇଁ ଏକ ସୁନ୍ଦର ଏକାକୀ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ଆସରରେ ୩୨ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ସମସ୍ତଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା ।ସମାଜସେବୀ ସେବୀ ତଥା କାଉନସିଲର ଦେବାଶିଷ ମିଶ୍ର ଓ ଉତ୍କୃଷ୍ଟ ସେବା ପାଇଁ ପ୍ରମୁଖ ସାମ୍ବାଦିକଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଆନ୍ଧ୍ର ପ୍ରଦେଶରେ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟକୁ ବଞ୍ଚେଇ ରଖିବାର ପ୍ରଚେଷ୍ଟା କରି ଆସିଥିବା ଉଷାରାଣୀ ପଣ୍ଡା, ଦୀପକ ପାଣିଗ୍ରାହୀ, ପ୍ରସନ୍ନ ପ୍ରଧାନ, ପିଣ୍ଟୁ ପ୍ରଧାନ, ସୁଦାମ ପ୍ରଧାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରରୁ ଆମନ୍ତ୍ରିତ ଗାଳ୍ପିକା ଡଃ. ଝରଣା ଶତପଥୀ, ଶ୍ରୀମତୀ ଇନ୍ଦିରା ପାଣିଗ୍ରାହୀ, ମୋହନା, ନୀଳକଣ୍ଠେଶ୍ୱର ଦାଶ, (ବ୍ରହ୍ମପୁର) ଶ୍ରୀମତୀ ବିଶ୍ୱଜିତା ବରାଳ, (ପୁରୀ) ସମ୍ମାନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କବି ନିରଞ୍ଜନ ତ୍ରିପାଠୀ, ଶ୍ରୀକାନ୍ତ ମିଶ୍ର, ଗୋକୁଳ ଚନ୍ଦ୍ର ପଣ୍ଡା, ଶରତ ମହାପାତ୍ର, ଯତିରାଜ ନାୟକ, ରୀତା ରଥ, ବିନୋଦିନୀ ନାୟକ, ମାଧବ ମହାପାତ୍ର, ବାସନ୍ତି ଲତା ସ୍ୱାଇଁ, ମାଗୁଣି ଶତପଥୀ, ରାମଚନ୍ଦ୍ର ନନ୍ଦ, ଦୁର୍ଗା ଚରଣ ପଲେଇ, ବଳରାମ ପଲେଇ ଏବଂ ସହରର ଅନେକ ଜ୍ଞାନୀ, ଗୁଣି ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ରାଇ ରଞ୍ଜନ ନନ୍ଦ ଏବଂ ସାଗରିକା ଆଚାର୍ଯ୍ୟ ମଞ୍ଚ ଓ କବିତା ଆସର ସଂଯୋଜନା କରିଥିବା ବେଳେସନ୍ତୋଷ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ସଚେତନ ନାଗରିକ ମଞ୍ଚ ଗୋପ ଶାଖା ପକ୍ଷରୁ ମେଧାସମ୍ମାନ

ଗୋପ, ୧୮।୮(ନିପ୍ର): ଚଳିତ ବର୍ଷ ଅବିଭକ୍ତ ପୁରୀ ଜିଲ୍ଲାର ଦଶମ ଶ୍ରେଣୀ ରେ ବ୍ଲକ ଟପର ଛାତ୍ର ଛାତ୍ରୀ ଙ୍କୁ ସଚେତନ ନାଗରିକ ମଞ୍ଚ ଗୋପ ଶାଖା ପକ୍ଷରୁ ମେଧାସମ୍ମାନ ୨୦୨୪ପ୍ରଦାନ ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମା ପାଇଁ ଗଛ ଟିଏ ଅଭିଯାନ ରେ ଶ୍ରେଷ୍ଠ ଛାତ୍ର ଛାତ୍ରୀ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ଗୋପ କଲେଜ ନିକଟସ୍ତ ନର୍ସରୀ ମାଲିକ ଯୋଗେନ୍ଦ୍ର ବେହେରା ଙ୍କ ପକ୍ଷରୁ ଦଶମ ଟପର ଙ୍କୁ ବୃକ୍ଷ ପ୍ରଦାନ କରାଯାଇଥିଲା ଏହି ଉତ୍ସବ ଟି ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ର ସ୍ମାର୍ଟ କ୍ଲାସ ରେ ଅନୁଷ୍ଠିତ ହୋଇଥିଲା ଏଥିରେ ସଚେତନ ନାଗରିକ ମଞ୍ଚ ଗୋପ ଶାଖା ର ପ୍ରମୁଖ ସଚ୍ଚିଦାନନ୍ଦ ଗୋଛାୟତ ସଭାପତିତ୍ୱ କରିଥିଲେ ସଭା କାର୍ଯ୍ୟ ପରିଚାଳନା କରି ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଦାନ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅଧକ୍ଷା ଶ୍ରୀମତୀ ଝୁନୁ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତିକ କବି ପୁନେଶ କୁମାର ସେନାପତି ଶ୍ରୀଯୁକ୍ତ ସେନାପତି ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସ୍ୱାଭିମାନ ସହିତ କିପରି ବଞ୍ଚିବ ସେ ସମ୍ପର୍କ ରେ ମାର୍ଗ ଦର୍ଶନ କରିଥିଲେ ସମ୍ମାନୀୟ ଅତିଥିଭାବେ ଗୋପ ବ୍ଲକ ଅଧକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ମହାବିଦ୍ୟାଳୟ ର ପରିଚାଳନା କମିଟି ର ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଙ୍କ ଦ୍ୱାରା ପ୍ରକାଶିତ ଶିଶୁ ମାନଙ୍କ ଖବର କାଗଜ ବାନାରସେନା ର ଅଗଷ୍ଟ ମାସର ସଂସକରଣ ଉନ୍ମୋଚନ କରାଯାଇଥିଲା, ସତ୍ୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ, ଉତ୍ସର୍ଗ ପରିବାର ର ସଭାପତି ବିଷ୍ଣୁ ଚରଣ ପ୍ରଧାନ ପ୍ରମୁଖ ବିକ୍ତି ବିଶେଷ ମାନେ ଉପସ୍ଥିତ ଥିଲେ ।

କଂଗ୍ରେସକୁ ତାରା ବାହିନୀ ପତିଙ୍କ ସମାଲୋଚନା

ଜୟପୁର,୧୮।୮(ନି ପ୍ର): ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ଦଳକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ୨୦୨୪ ସଧାରଣ ନିର୍ବାଚନ ପରେ ଓଡ଼ିଶାରେ ଜନ ସାଧାରଣଙ୍କ ପ୍ରତି ବିଜେଡି ଦଳ କ୍ଷୁବ୍ଧ ଏବଂ ଓଡିଆ ଜାତିର ସ୍ୱାଭିମାନ ପାଇଁ ବିଜେଡି ତାର ଓଡ଼ିଶାରେ ପରିଚୟ ହଜାଇବାକୁ ଯାଉଛି। ଅନ୍ୟ ପଟେ କଂଗ୍ରେସ ଦଳ ଜନ ସାଧାରଣଙ୍କ ପ୍ରତି ଅସ୍ଥାଭାଜାନ ହୋଇ ପାରିଲା ନାହିଁ ଯଦ୍ୱାରା କି ଓଡ଼ିଶାରେ ବିଜେପି ସରକାର ଗଠନ କରିବାରେ ସଫଳ ହୋଇପାରିଛି। ସେ କହିଛନ୍ତି ରାଜ୍ୟରେ ବିଜେପି ସରକାର କୁ ଅସିଛି ହେଲେ ତାଙ୍କର ଗାଁ ଗହଳିରେ ଦଳ ସୁଦୃଢ଼ ନଥିବାକୁ ନେଇ ବର୍ତ୍ତମାନ ବିଜେପି ନିଜର ବିରି ଅଖା ବାନ୍ଧିବା ପାଇଁ ପ୍ରାୟସ କରୁଛି। ସେପଟେ ବିଜେଡି ୨୦୨୪ ନିର୍ବାଚନ ରେ ଯାହା କଳ୍ପନା କରିଥିଲା ତାହା ହୋଇପାରିଲା ନାହିଁ ଦଳ ପୁରା ସଫା ହୋଇଯାଇଛି। ବିଜେଡି ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନ କୁ ଆଖି ଆଗରେ ରଖି ନିଜ ସଂଗଠନକୁ ବଜାୟ ରଖିବାକୁ ଆପଣାର ପ୍ରାଣ,ପ୍ରାଣେ ଚେଷ୍ଟା ଚଳାଇଛି। ବର୍ତ୍ତମାନ ବିଜେପି ରଜ୍ୟରେ ନୂଆଁ ସରକାର ଗଠନ କରିବା ପରେ ନିଜ ଦଳକୁ ମଜବୁତ୍ କରିବାରେ ଲାଗିଛି। ଏପରି ସ୍ଥିତିରେ ଆମ କଂଗ୍ରେସ ଦଳ ମଧ୍ୟରେ ନିଜ ନିଜ ଭିତରେ ଗୋଡ଼ ଟଣା,ଟାଣି ଜାରୀ ରହିଛି। ଆମ ଦଳ ଭିତରେ କାହାର କା ସହିତ ମତରେ ମେଳ ଖାଉନି। ସେଥିପାଇଁ ଯେଉଁ ମାନେ କଂଗ୍ରେସ ଦଳ ପାଇଁ ନିଷ୍ଠାପରତା ଭାବେ ପ୍ରକୃତ କର୍ମୀ ହୋଇ କାମ କରୁଛନ୍ତି ସେମାନଙ୍କୁ ଅଣଦେଖା କରାଯାଉଛି। ଏଥି ପାଇଁ ଆମ୍ଭମାନଙ୍କୁ ଦୁଃଖ ଲାଗୁଚି ଏବଂ କାନ୍ଦ ଲାଗୁଚି ବୋଲି କହିଛନ୍ତି। କଂଗେସ ମଧ୍ୟରେ ଯେଉଁ ଭଳି ବିଭାଜନ ନୀତି ଚାଲିଛି ଏହା ହେବା ଉଚିତ୍ ନୁହେଁ କଂଗେସ ଦଳର ମାଲିକ ହେଉଛନ୍ତି ଏକ, ଦଳର ଗାନ୍ଧି ପାରିବାର ହେଉଛନ୍ତି ଆମ୍ଭ ମାନଙ୍କର ବୋଷ୍ ସେମାନେ ଯାହା ନିଷ୍ପତି ନେବେ ଆମ୍ଭକୁ ମାନିବାକୁ ପଡ଼ିବା ଦଳ ମଧ୍ୟରେ କିଛି ନେତା ନିଜର ସ୍ୱାର୍ଥ ପାଇଁ ଦଳକୁ ବିଭାଜନ କରୁଛନ୍ତି । ଏପରି ବିଭ୍ରାଟ ଯେଉଁ ନେତା ମାନେ କରୁଛନ୍ତି ତାଙ୍କୁ ଓଡ଼ିଶାର ଜନତା ଏବଂ କଂଗ୍ରେସ କର୍ମୀ ମାନେ କେବେ କ୍ଷମା ଦେବେ ନାହିଁ। ସେ କହିଛନ୍ତି କଂଗ୍ରେସ, ବିଜେପି, ଓ ବିଜେଡି ତିନି ଦଳ ମୋତେ ବିରୋଧ କରୁଛନ୍ତି, କିନ୍ତୁ ମୁଁ ମୋ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କୁ ନେଇ ଆଗକୁ ବଢୁଛି। ମୋର କୌଣସି ପଦ ପଦବୀର ଆଶା ଓ ଲୋଭ ନାହିଁ ମୁଁ କଂଗ୍ରେସ ଦଳରେ ଅଛି ଆଗକୁମଧ୍ୟ କଂଗ୍ରେସ ଦଳକୁ ମଜବୁତ୍ କରିବି। କଂଗ୍ରେସ ଦଳର ନୀତି ଆଦର୍ଶ ଯେଉଁ ଭଳିଭାବେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ଦଳ ସେତେ ଦୁର୍ବଳ ହେବାକୁ ଯାଉଛି ।

ଫର୍ମ ନଂ– INC 26

[କମ୍ପାନୀଗୁଡିକର (ଇନକର୍ପୋରେସନ) ରୁଲ୍ସ, ୨୦୧୪ର ରୁଲ ୩୦ ଅନୁଯାୟୀ]

କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ନିମନ୍ତେ ସମ୍ବାଦ ପତ୍ରରେ ପ୍ରକାଶିତ ବିଜ୍ଞାପନ

କେନ୍ଦ୍ର ସରକାର, ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, କୋଲକାତାଙ୍କ ନିକଟରେ

କମ୍ପାନୀଗୁଡିକର (ଇନକର୍ପୋରେସନ) ରୁଲ୍ସ, ୨୦୧୪ର ରୁଲ ୩୦ ର ସବରୁଲ (୫) ର କ୍ଲଜ ଏ ଏବଂ କମ୍ପାନୀଗୁଡିକର ଆଇନ ୨୦୧୩ର ଧାରା ୧୩ର ଉପଧାରା (୪) ସମ୍ବନ୍ଧରେ

ଏବଂ

ଉତ୍କଳ ଇଷ୍ପାତ ପ୍ରାଇଭେଟ ଲିମିଟେଡ ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ମେନ ରୋଡ, ବଡବିଲ, ଓଡ଼ିଶା, ଜିଲ୍ଲା– କେନ୍ଦୁଝର, ଓଡ଼ିଶା– ୭୫୮୦୩୫ ସମ୍ବନ୍ଧରେ

...ଆବେଦନକାରୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି ଯେ, କମ୍ପାନୀ ଗୁଡିକର ଆଇନ, ୨୦୧୩ର ଧାରା ୧୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ହୋଇଥିବା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ, କମ୍ପାନୀ ମେମୋରାଣ୍ଡମର ପରିବର୍ତ୍ତନର ପୁଷ୍ଟି ନିମନ୍ତେ ଆବେଦନ କରିବାକୁ ପ୍ରସ୍ତାବ ଦିଆଯାଉଛି ଯେ, ୧୨ ଜୁଲାଇ ୨୦୨୪ ଅନୁଷ୍ଠିତ କମ୍ପାନୀର ଏକ ବିଶେଷ ସାଧାରଣ ସଭାଳନରେ ଏହି ନିଷ୍ପତ୍ତି ନିଆଯାଇଛି ଯେ, କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ''ଓଡ଼ିଶା ରାଜ୍ୟ'' ରୁ ''ଛତିଶଗଢ ରାଜ୍ୟ''କୁ ସ୍ଥାନାନ୍ତର କରିବାକୁ ସମର୍ଥ ହେବେ ।

କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟର ପ୍ରସ୍ତାବିତ ସ୍ଥାନାନ୍ତର ହେଲେ ଯଦି କୌଣସି ବ୍ୟକ୍ତିଙ୍କର ସ୍ୱାର୍ଥରେ ବ୍ୟାଘାତ ଘଟୁଥାଏ ତେବେ ସେ ଇନଭେଷ୍ଟର କମ୍ପ୍ଲେଣ୍ଟ ଫର୍ମ ପୂରଣ କରି **MCA -21** ପୋର୍ଟାଲ (**www.mca.gov.in**) ମାଧ୍ୟମରେ ପଠାଇବେ କିମ୍ବା ପଠାଇବାକୁ ବ୍ୟବସ୍ଥା କରିବେ କିମ୍ବା ରେଜିଷ୍ଟର ଡାକ ଯୋଗେ ତାଙ୍କର (ପୁରୁଷ/ମହିଳା) ଅଭିଯୋଗ ସପକ୍ଷରେ ସ୍ୱାର୍ଥର ପ୍ରକାରଭେଦ ଏବଂ ବିରୋଧ କରିବାର କାରଣଗୁଡିକ ସତ୍ୟପାଠ ଆଧାରରେ ଆଞ୍ଚଳିକ ନିର୍ଦ୍ଦେଶକ ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ, **II MSO Building**, ୩ୟ ମହଲା, ୨୩୪/୪, ଏ ଜେ ସି ବୋଷ୍ଟ ରୋଡ, କୋଲକାତା–୭୦୦୦୨୦କୁ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ଚଉଦ ଦିନ ମଧ୍ୟରେ ପଠାଇବେ ଏବଂ